# NATIONAL NEWS BULLETIN (ODIA)

**6 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର କର୍ତ୍ତବ୍ୟପଥଠାରେ ନବନିର୍ମିତ କର୍ତ୍ତବ୍ୟ ଭବନ-୩କୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ସଦନ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ

- ନୂଆଦିଲ୍ଲୀଠାରେ ଆସନ୍ତାକାଲି ଏମ୍.ଏସ୍. ସ୍ୱାମୀନାଥନ ଶତବାର୍ଷିକୀ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଜନିତ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ।

ଏବଂ

- ଯକ୍ଷ୍ମାରୋଗ ନିରାକରଣ କ୍ଷେତ୍ରରେ ଭାରତ ନେଇଥିବା ପଦକ୍ଷେପକୁ ପ୍ରଶଂସା କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

## ପିଏମ୍-କର୍ତ୍ତବ୍ୟ ଭବନ

ନୂଆଦିଲ୍ଲୀର କର୍ତ୍ତବ୍ୟପଥ ଠାରେ ନିର୍ମିତ କର୍ତ୍ତବ୍ୟ ଭବନ-୩କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନ ପରେ ଶ୍ରୀ ମୋଦୀ ନବନିର୍ମିତ ଭବନକୁ ପରିଦର୍ଶନ କରିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ମନୋହରଲାଲ୍ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଏହି

ଅବସରରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । କେନ୍ଦ୍ରୀୟ ପ୍ରଶାସନିକ ସେବା ପ୍ରକ୍ରିୟାକୁ ଅଧିକ ସୁଗମ କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପର କର୍ତ୍ତବ୍ୟ ଭବନ ହେଉଛି ଏକ ଅଂଶ । ସାଧାରଣ କେନ୍ଦ୍ରୀୟ ସଚିବାଳୟ ଅଟ୍ଟାଳିକା ମଧ୍ୟରୁ ଏହା ପ୍ରଥମ ହେବ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ସହ ସମନ୍ୱୟ ରକ୍ଷା କରି ଦକ୍ଷତା, ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ କର୍ତ୍ତବ୍ୟ ଭବନ ନିର୍ମାଣ କରାଯାଇଛି । ପ୍ରାୟ ଦେଢ଼ ଲକ୍ଷ ବର୍ଗମିଟର ଅଞ୍ଚଳରେ ନିର୍ମିତ ଏହି ଅତ୍ୟାଧୁନିକ କାର୍ଯ୍ୟାଳୟରେ ଦୁଇଟି ବେସ୍‌ମେଣ୍ଟ ଏବଂ ୭ଟି ମହଲା ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଆଧୁନିକ, ଦକ୍ଷ ଏବଂ ନାଗରିକ କୈନ୍ଦ୍ରୀକ ଶାସନ ଦୃଷ୍ଟିକୋଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ।

---

## ହାଉସ୍‌-ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ଉଭୟ ସଦନରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଲୋକସଭା ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ୧୯୪୫ ମସିହାରେ ହୋଇଥିବା ହିରୋସୀମା ଏବଂ ନାଗାସାକି ପରମାଣୁ ବୋମା ବିସ୍ଫୋରଣ ଘଟଣା ଉପରେ ଆଲୋଚନା କରିବା ସହ ଏଥିରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବାଚସ୍ପତି କହିଥିଲେ, ୮୦ ବର୍ଷ ପୂର୍ବେ ଘଟିଥିବା ଏହି ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସହିତ ବହୁ ଲୋକ ଆହତ ଓ ବିକଳାଙ୍ଗ ହୋଇଥିଲେ । ପରମାଣୁ ଅସ୍ତ୍ରଶସ୍ତ୍ର

ବ୍ୟବହାରକୁ ଦୂରେଇବା ଏବଂ ବିଶ୍ୱଶାନ୍ତି ସୁନିଶ୍ଚିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ବାଚସ୍ପତି ଆହ୍ୱାନ ଦେଇଥିଲେ। **V/O (Birla)**

ପ୍ରାଣ ହରାଇଥିବା ଲୋକଙ୍କ ଉଦ୍ଦେଶ୍ୟରେ ଗୃହରେ କିଛି ସମୟ ନିରବ ପ୍ରାର୍ଥନା କରାଯାଇଥିଲା ।

ଏହା ପରେ ପ୍ରଶ୍ନକାଳ ଆରମ୍ଭ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ । ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗରେ ଆଲୋଚନା ଦାବି କରି ବିରୋଧୀମାନେ ହଟ୍ଟଗୋଳ କରିଥିଲେ । ଫଳରେ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

୧୨ଟାରେ ଗୃହକାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ଆର୍ଥିକବର୍ଷରେ ମଣିପୁର ପାଇଁ ଆର୍ଥିକ ଅନୁଦାନ ଓ ବ୍ୟୟ ଉପରେ ଲେଖାନୁଦାନ ଉପସ୍ଥାପନ କରିଥିଲେ । କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ୨୦୨୩-୨୪ ଆର୍ଥିକବର୍ଷର କର୍ମଯୋଗୀ ଭାରତ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ଦିଲ୍ଲୀପ ସାଇକିଆ ଶୂନ୍ୟକାଳ ଆରମ୍ଭ କରିବାକୁ ଚେଷ୍ଟା କରିବା ମାତ୍ରେ ବିରୋଧୀ ସଦସ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ସ୍ଲୋଗାନମାନ ଦେଇଥିଲେ । ଗୃହରେ ବିଭ୍ରାଟ ସୃଷ୍ଟି କରିବା ଏବଂ ପ୍ରତ୍ୟେକ ଦିନ ପୋଷ୍ଟର ଓ ପ୍ଲାକାର୍ଡ ସହ ସ୍ଲୋଗାନ ଦେବା ଅନୁଚିତ ବୋଲି ଶ୍ରୀ ସାଇକିଆ କହିଥିଲେ । ଗୃହକାର୍ଯ୍ୟରେ ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ସେ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟଧାରା ବାଧାପ୍ରାପ୍ତ ହେବା ଦ୍ୱାରା ଗୃହର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଛି ବୋଲି ସେ କହିବା ସହ

ବିରୋଧୀ ସଦସ୍ୟଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ତେବେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ଆସିବାରୁ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ଦିବଂଗତ ପୂର୍ବତନ ସଦସ୍ୟ ସତ୍ୟପାଲ ମଲିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଉପାଧ୍ୟକ୍ଷ ହରିବଂଶ କହିଥିଲେ, ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୩୫ଟି ମୂଳତବୀ ନୋଟିସ୍ ତାଙ୍କର ହସ୍ତଗତ ହୋଇଛି । ତେବେ ପୂର୍ବ ରୁଲିଙ୍ଗ୍ ଆଧାରରେ ସେଗୁଡ଼ିକୁ ଖାରଜ କରାଯାଇଛି । ଏହା ପରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ଗୃହରେ ହଟ୍ଟଗୋଳ କରିବାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଛି ।

## ପାର୍ଲାମେଣ୍ଟ-ଅପୋଜିସନ୍

ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ  ନେଇ ବିରୋଧୀଦଳ ସଦସ୍ୟମାନେ ଆଜି ସଂସଦ ପରିସରରେ ପ୍ରତିବାଦ କରିଛନ୍ତି । ସଂସଦରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସେମାନେ ଦାବି କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସ ସଭାପତି ତଥା ରାଜ୍ୟସଭାରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ଭୋଟର ତାଲିକା ସଂଶୋଧନ ନେଇ ଆଲୋଚନା କରିବାକୁ ଚାହୁଁଛନ୍ତି । ଲୋକଙ୍କ ମତଦାନ ଅଧିକାରକୁ ସୁରକ୍ଷା ଦେବା ପାଇଁ ଏହା ଉପରେ ଗୃହରେ ବ୍ୟାପକ ଆଲୋଚନାର ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି ।

## ପିଏମ୍-ଏଗ୍ରିକଲଚର୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଏମ୍.ଏସ୍. ସ୍ୱାମୀନାଥନ ଶତବାର୍ଷିକୀ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । କୃଷି ବିଜ୍ଞାନ ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରର ପ୍ରଗତି ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପ୍ରଫେସର ସ୍ୱାମୀନାଥନ୍‌ଙ୍କର ଏହି ଶତବାର୍ଷିକୀ ସମାରୋହକୁ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ଫାଉଣ୍ଡେସନ୍' କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତୀୟ କୃଷି ଗବେଷଣା ପରିଷଦ ଏବଂ ଜାତୀୟ କୃଷି ବିଜ୍ଞାନ ଏକାଡେମୀର ମିଳିତ ସହଯୋଗରେ ଆୟୋଜନ କରାଯାଉଛି ।

ଏହି ତିନି ଦିନିଆ ସମ୍ମିଳନୀ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଠ କହିଛନ୍ତି, ପ୍ରଖ୍ୟାତ କୃଷି ବୈଜ୍ଞାନିକ ପ୍ରଫେସର ସ୍ୱାମୀନାଥନ୍‌ଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ଭାରତ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ସ୍ମାରକୀ ମୁଦ୍ରା ଏବଂ ଡାକଟିକଟ ଏହି ସମାରୋହରେ ଉନ୍ମୋଚନ କରିବେ । ଭାରତକୁ ଖାଦ୍ୟ ପ୍ରସଙ୍ଗରେ ଏକ ଅଭାବୀ ଦେଶରୁ ବଳକା ରାଷ୍ଟ୍ରରେ ରୂପାନ୍ତରିତ କରିବା ଦିଗରେ ପ୍ରଫେସର ସ୍ୱାମୀନାଥଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଡକ୍ଟର ଜାଠ୍ ଆଲୋକପାତ କରିଛନ୍ତି ।

ଏହି ସମାରୋହର ବିଷୟବସ୍ତୁ ରହିଛି – **ଚିର ସବୁଜ ବିପ୍ଳବ – ଜୈବ କୃଷି ଦିଗରେ ପଥ ପ୍ରଦର୍ଶନ** । ବିଶ୍ୱର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ କୃଷି ବୈଜ୍ଞାନିକ, କୃଷି କ୍ଷେତ୍ରର ନୀତି ନିର୍ଦ୍ଧାରକ ଓ ବିଭିନ୍ନ ଅଂଶିଦାର ଏଥିରେ ସାମିଲ ହୋଇ ଚିର ସବୁଜ ବିପ୍ଳବକୁ ଆଗେଇ ନେବା ଦିଗରେ ଭବିଷ୍ୟତର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବେ ବୋଲି ସେ କହିଛନ୍ତି । ଏତଦ୍‌ବ୍ୟତୀତ ଏହି ସମାରୋହରେ ଜୈବ

ବିବିଧତା ଏବଂ ପ୍ରାକୃତିକ ସମ୍ବଳର ସଂରକ୍ଷଣ ଓ ସ୍ଥାୟୀତ୍ୱ ଜଳବାୟୁ ପରିବର୍ତ୍ତନ, ପୁଷ୍ଟି ତତ୍ତ୍ୱ ସମ୍ପର୍କିତ କୃଷି, ସମାବେଶୀ ଏବଂ ବୈଷୟିକ ଜ୍ଞାନକୌଶଳ ଯୁକ୍ତ ଜୀବନ ଜୀବିକାର ସମାଧାନ ତଥା ବିକାଶ ଦିଗରେ ଯୁବବର୍ଗ, ମହିଳା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ଉପରେ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି ।

## ଉତ୍ତରାଖଣ୍ଡ

ଉତ୍ତରାଖଣ୍ଡ ଖୀର ଗଙ୍ଗାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଏବଂ ତତ୍‌ଜନିତ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି । ଉତ୍ତର କାଶୀ ଜିଲ୍ଲାର ଧରାଲି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ସେଠାରେ ସେନା, ଏନଡିଆରଏଫ୍, ଏସ୍‌ଡିଆରଏଫ୍, ଜିଲ୍ଲାପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଂଗଠନ ନିରନ୍ତର ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପ୍ରଭାବିତଙ୍କୁ ତୁରନ୍ତ ସହାୟତା ଯୋଗାଇବା ଲକ୍ଷ୍ୟ ନେଇ ପ୍ରଶାସନ ପକ୍ଷରୁ ରିଲିଫ୍ ଶିବିରମାନ ଖୋଲାଯାଇଛି । ଭଟୱାରୀ ଅଞ୍ଚଳରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । କ୍ଷତିଗ୍ରସ୍ତ ହୋଇଥିବା ଉତ୍ତରକାଶୀ-ହର୍ସିଲ ସଡ଼କପଥରେ ମରାମତି କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ପ୍ରଭାବିତ ଅଞ୍ଚଳକୁ ଆକାଶମାର୍ଗରୁ ବୁଲି ଦେଖିବା ସହ ଉତ୍ତରକାଶୀର ବିପର୍ଯ୍ୟୟ ନିୟନ୍ତ୍ରଣ କକ୍ଷରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିସ୍ଥିତି ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ।

ଏନ୍‌ଡିଆର୍‌ଏଫ୍‌ର ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ମୋହସିନ ସାହିଦୀ କହିଛନ୍ତି, ପ୍ରାୟ ୧୫୦ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି ।

୧୦୦ରୁ ଅଧିକ ଲୋକ ନିଖୋଜ ଥିବା ଆଶଙ୍କା କରାଯାଉଛି ବୋଲି ସେ କହିଛନ୍ତି । ଏ ସଂପର୍କରେ ସବିଶେଷ ତଥ୍ୟକୁ ଅପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି:

**V/O (Sahidi)**

ଗତ ୩ ଦିନ ଧରି ଲଗାତାର ବର୍ଷା ଯୋଗୁଁ ଉତ୍ତରାଖଣ୍ଡର ବିଭିନ୍ନ ସ୍ଥାନରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି । ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ସଡ଼କ ଯୋଗାଯୋଗ ବାଧାପ୍ରାପ୍ତ ହେବା ସହ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ଉତ୍ତରାଖଣ୍ଡର ସମସ୍ତ ଜିଲ୍ଲାରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ରୁଦ୍ର ପ୍ରୟାଗ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ସୁରକ୍ଷା ଦୃଷ୍ଟିରୁ କେଦାରନାଥ ଯାତ୍ରାକୁ ଆସନ୍ତା ୨୪ ଘଣ୍ଟା ପାଇଁ ସ୍ଥଗିତ ରଖାଯାଇଛି ।

---

# ଟିବି-ଡବ୍ଲୁଏଚ୍ଓ

ଯକ୍ଷ୍ମାରୋଗର ନିରାକରଣ ସଂପର୍କରେ ନିଆଯାଇଥିବା ପଦକ୍ଷେପ ଅତ୍ୟନ୍ତ ଉଲ୍ଲେଖନୀୟ ପ୍ରତିପାଦିତ ହୋଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟସଂଗଠନ-ଡବ୍ଲୁଏଚ୍ଓ କହିଛି । ଏହି ପଦକ୍ଷେପ ବିଶ୍ୱର ସବୁଠାରୁ ଅଧିକ ସଂକ୍ରାମକ ରୋଗ ଉପରେ ମାର୍ଗଦର୍ଶନ କରିପାରିଛି । ଭାରତୀୟ ଚିକିତ୍ସା ଗବେଷଣା ପରିଷଦ-ଆଇସିଏମ୍ଆର୍ ପକ୍ଷରୁ ଝାଡ଼ଖଣ୍ଡରେ କରାଯାଇଥିବା ଅଧ୍ୟୟନରୁ ସ୍ପଷ୍ଟ ହୋଇଛି ଯେ ଅତିରିକ୍ତ ପୁଷ୍ଟିସାର, ଯକ୍ଷ୍ମା ନିରାକରଣ ଏବଂ ଏ ସଂକ୍ରାନ୍ତ ମୃତ୍ୟୁକୁ ହ୍ରାସ କରିପାରିଛି । ଏହି ଫଳାଫଳ ଆଧାରରେ ସଂକ୍ରାମକ ରୋଗକୁ ପ୍ରତିହତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ଯକ୍ଷ୍ମା ରୋଗର ନିରାକରଣ ନେଇ ଗବେଷଣା ଓ ନବସୃଜନକୁ ଅଧିକ ସୁଦୃଢ଼ କରିବା ଦିଗରେ ବଳିଷ୍ଠ ପଦକ୍ଷେପ ନେବାକୁ ଡବ୍ଲୁଏଚ୍ଓ ଆହ୍ୱାନ ଦେଇଛି ।

---